ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 19-08-2025

ଗଜପତି(ଓଡିଶା) - :2025-08-19 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2025-08-20 | 2025-08-21 | 2025-08-22 | 2025-08-23 | 2025-08-24 |
|---|---|---|---|---|---|
| ବର୍ଷା (ମିମି) | 8.0 | 5.3 | 2.3 | 3.1 | 3.8 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 32.0 | 32.0 | 32.0 | 32.0 | 33.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 24.0 | 24.0 | 24.0 | 25.0 | 25.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 94 | 93 | 93 | 93 | 93 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 73 | 69 | 67 | 73 | 79 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 3 | 5 | 7 | 7 | 6 |
| ପବନର ଦିଗ (ଡିଗ୍ରୀ) | 249 | 247 | 255 | 258 | 253 |
| ମେଘାଚ୍ଛନ (ଅକ୍ଟା) | 8 | 7 | 8 | 8 | 8 |
| ସତର୍କବାଣୀ | ବଜ୍ରପାତ ଏବଂ ବଜ୍ରପାତ, ସ୍କ୍ୱାଲ୍ ଇତ୍ୟାଦି \|; ଶକ୍ତିଶାଳୀ ସତହୀୟ ପବନ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ସାଧାରଣତଃ ମେଘୁଆ ରୁ ସମ୍ପୂର୍ଣ ମେଘୁଆ ଆକାଶ ସହିତ ଜିଲ୍ଲାରେ ଆଗାମୀ ୫ ଦିନ ଅତି ହାଲୁକା ରୁ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି | ଆସନ୍ତା ବୁଧବାର ଦିନ ପାଇଁ ଭାରତ ପାଣିପାଗ ବିଭାଗ ଦ୍ୱାରା ଜିଲ୍ଲା ପାଇଁ ସମ୍ଭାବ୍ୟ ଝଡ ତୋଫାନ, ବଜ୍ରପାତ ଓ ଅଧିକ ପବନ ବେଗ ସମ୍ବନ୍ଧୀୟ ହଳଦିଆ ସଚେତନତା ସୂଚନା ଜାରି କରାଯାଇଛି । ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୩.୦ ରୁ ୭.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ | ସର୍ବାଧିକ ତାପମାତ୍ରା ୩୨.୦°C ରୁ ୩୩.୦°C ମଧ୍ୟରେ ହୋଇପାରେ | ସର୍ବନିମ୍ନ ତାପମାତ୍ରା ୨୪.୦°C ରୁ ୨୫.୦°C ମଧ୍ୟରେ ରହିପାରେ | ସକାଳେ ଆପେକ୍ଷିକ ଆଦ୍ରତା ୯୩ ରୁ ୯୪ ପ୍ରତିଶତ ମଧ୍ୟରେ ହୋଇପାରେ ଏବଂ ଅପରାହ୍ନରେ ୬୭ ରୁ ୭୯ ପ୍ରତିଶତ ମଧ୍ୟରେ ରହିପାରେ |

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ଆସନ୍ତା ବୁଧବାର ଦିନ ପାଇଁ ଭାରତ ପାଣିପାଗ ବିଭାଗ ଦ୍ୱାରା ଜିଲ୍ଲା ପାଇଁ ସମ୍ଭାବ୍ୟ ଝଡ ତୋଫାନ, ବଜ୍ରପାତ ଓ ଅଧିକ ପବନ ବେଗ ସମ୍ବନ୍ଧୀୟ ହଳଦିଆ ସଚେତନତା ସୂଚନା ଜାରି କରାଯାଇଛି ।

## ଆବହାୱିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଲିଷ୍ଟ ଏଗ୍ରୋମେଟ ପରାମର୍ଶ:

• ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା • ପନିପରିବା ତଳି ଘେରା ନଷ୍ଟ ହେବା • ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା • ବିଲ ଓ ଫସଲରେ ପାଣି ଜମିବା

## ସାଧାରଣ ଉପଦେଶ:

ଧାନ ଜମିରେ ପିଲ ଅବସ୍ଥାରେ ୨ ରୁ ୩ ସେମି ଠିଆ ପାଣି ରଖନ୍ତୁ । ବୁଣା ଧାନ ୪୫ ଦିନରୁ ଅଧିକ ହୋଇଯାଇଥିଲେ ବେଉଷଣ କରନ୍ତୁ ନାହିଁ । ଫସଲ ମାନଙ୍କରେ ନିୟମିତ ଭାବରେ ରୋଗ ଏବଂ ପୋକର ସର୍ବେକ୍ଷଣ କରନ୍ତୁ । ଗାଈଗୋରୁ ମାନଙ୍କୁ ଶୁଖିଲା ଓ ସଫା ଥିବା ଗୁହାଳରେ ରଖନ୍ତୁ । ଗାଈଗୋରୁ ମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ଗୋଖାଦ୍ୟ ଓ ପାଣି ଦିଅନ୍ତୁ ଓ ଅତ୍ୟଧିକ ବର୍ଷା ଦାଉରୁ ସୁରକ୍ଷିତ ରଖନ୍ତୁ ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

ମନେରଖନ୍ତୁ ସାର ପ୍ରୟୋଗ କରିବା ପୂର୍ବରୁ ଜମିରେ ଅଧିକ ଜଳ ଥିଲେ ନିଷ୍କାସନ କରନ୍ତୁ ଏବଂ ଘାସ ନିୟନ୍ତ୍ରଣ କରନ୍ତୁ ।

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ବର୍ତ୍ତମାନ ପିଲ ଅବସ୍ଥାରେ ଅଛି । ବର୍ଷା ଛାଡିଲା ପରେ, ଆଗକୁ ତାପମାତ୍ରା ୨୮ ୦ ସେଲସିୟସ ତଳକୁ ଏବଂ ଆପେକ୍ଷିକ ଆର୍ଦ୍ରତା ୭୦ ପ୍ରତିଶତ ରୁ ଅଧିକ ରହିବାର ସମ୍ଭାବନା ଥିବାରୁ ଧାନରେ ଲେଡାପୋକ ଏବଂ କାଣ୍ଡବିନ୍ଧା ପୋକ ଲାଗିବାର ସମ୍ଭାବନା ରହିଛି । ଲେଡାପୋକ ର ପରିଚାଳନା ପାଇଁ ପ୍ରଥମେ ହୁଡା ଗୁଡିକୁ ସଫା ରଖନ୍ତୁ ଏବଂ ଅନାବନା ଘାସ ଗୁଡିକୁ ନଷ୍ଟ କରିଦିଅନ୍ତୁ । ଧାନ ବେଉଷଣ ଅବସ୍ଥାରେ ଥିଲେ ଶୀଘ୍ର ବେଉଷଣ କରି ଦିଅନ୍ତୁ । ବୁଦା ପ୍ରତି ଆକ୍ରାନ୍ତ ପିଲ କିମ୍ବା ବର୍ଗମିଟର ପ୍ରତି ୨ ଟି ଶୁକ ଦେଖାଦେଲେ ଏକର ପ୍ରତି ୪୦୦ ମିଲି Chlorpyriphos ଓ Cypermethrin ର ମିଳିତ କୀଟନାଶକ କିମ୍ବା ୪୦୦ ମିଲି Quinalphos ଓ Cypermethrin ର ମିଳିତ କୀଟନାଶକ କିମ୍ବା ୩୦୦ ମିଲି Lambda Cyhalothrin ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । କାଣ୍ଡବିନ୍ଧା ପୋକର ପ୍ରଜାପତି ଦେଖାଦେଲେ ଏହାର ପରିଚାଳାନା ପାଇଁ ଏକର ପ୍ରତି ୮ କିଲୋଗ୍ରାମ Cartap Hydrochloride ନାମକ ଦାନାଦାର କୀଟନାଶକ କିମ୍ବା ୪ କିଲୋଗ୍ରାମ Chlorantraniliprole ନାମକ ଦାନାଦାର କୀଟନାଶକ କିମ୍ବା ୬ କିଲୋଗ୍ରାମ Imidacloprid ନାମକ ଦାନାଦାର କୀଟନାଶକ କୁ ସମାନ ଓଜନର ବାଲି ସହ ମିଶାଇ ପ୍ରୟୋଗ କରନ୍ତୁ । |
| ମକା | ମକା ଗଛରେ ଫଲ ଆର୍ମି ୱର୍ମ କିମ୍ବା ଅଣ୍ଡା ପୁଞ୍ଜ ଦେଖିବା ମାତ୍ରେ ହାତରେ ନଷ୍ଟ କରିଦିଅନ୍ତୁ । ଜୈବିକ ଉପାୟରେ ମକା ଫସଲରେ ଫଲ ଆର୍ମି ୱର୍ମ କୀଟର ପରିଚାଳନା ପାଇଁ ଏକର ପ୍ରତି ୧୨୦୦ ଗ୍ରାମ ବିୟୁଭେରିଆ ବାସିଆନା ନାମକ ଜୈବ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏକର ପ୍ରତି ୧୦-୧୨ ଟି ବାଉଁଶ କଣି ବା ଶୁଖିଲା ଡାଳ ପୋତିଲେ ତା ଉପରେ ଶିକାରୀ ପକ୍ଷୀ ଗୁଡିକ ବସି ଶୁକ ଏବଂ ଅଣ୍ଡା ଗୁଡିକୁ ଖାଇଥାନ୍ତି । ଟଅଁର ଆସିବା ପୂର୍ବରୁ ଏହି ବାଉଁଶ କଣି ଗୁଡିକୁ କାଢି ଦିଅନ୍ତୁ । ମକା ଗଛର ପତ୍ରସନ୍ଧା ରେ ବାଲି, ମାଟି ଏବଂ ପାଉଁଶର ମିଶ୍ରଣ କୁ ବିଞ୍ଛି ଦିଅନ୍ତୁ, ଏହା କରିବା ଦ୍ୱାରା ପତ୍ର ଗୁଡିକ ପୋକ ମାନଙ୍କର ଖାଇବା ପାଇଁ ଅରୁଚିକର ହୋଇଥାଏ । ରାସାୟନିକ ଉପାୟରେ ଏହି କୀଟର ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮୦-ଗ୍ରାମ Emamectin benzoate ନାମକ କୀଟନାଶକ କିମ୍ବା ୧୦୦ ମି.ଲି. Spinetoram ନାମକ କୀଟ ନାଶକ ୮୦-ମି.ଲି. Chlorantraniliprole ନାମକ କୀଟନାଶକ, ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଜ୍ୱାର | ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ଅଣଜଳସେଚିତ ଜମିରେ ୨୬ କେଜି DAP, ୩ କେଜି Urea ଓ ୨୦ କେଜି MOP ଏବଂ ଜଳସେଚିତ ଜମିରେ ୩୫ କେଜି DAP, ୪ କେଜି Urea, ଓ 27 କେଜି MOP ଦେଇ ଭଲ ଭାବରେ ମାଟିରେ ମିଶାଇ ଦିଅନ୍ତୁ । ଗଛ ୩ ସପ୍ତାହର ହୋଇଗଲେ ଏକର ପ୍ରତି ଅଣଜଳସେଚିତ ଜମିରେ ୨୬ କେଜି Urea ଏବଂ ଜଳସେଚିତ ଜମିରେ ୩୪ କେଜି Urea ପ୍ରୟୋଗ କରନ୍ତୁ । ୬ ରୁ ୭ ସପ୍ତାହ ବେଳକୁ ପୁଣି ଥରେ ଖୋସାଖୋସି କରି ଏକର ପ୍ରତି ଅଣଜଳସେଚିତ ଜମିରେ ୧୩ କେଜି Urea ଏବଂ ଜଳସେଚିତ ଜମିରେ ୧୭ କେଜି Urea ପ୍ରୟୋଗ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
| --- | --- |
| ବାଇଗଣ | ବର୍ତ୍ତମାନ ବାଇଗଣ ଫୁଲ ଧରିବାରୁ ଫଳ ଅବସ୍ଥାରେ ଅଛି । ବର୍ଷା ଛାଡିଲା ପରେ ଏବଂ ଦିନ ଏବଂ ରାତ୍ରି ତାପମାତ୍ରାରେ ବୃଦ୍ଧି ସକାଳେ ଆପେକ୍ଷିକ ଆର୍ଦ୍ରତା ୭୦ ପ୍ରତିଶତରୁ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ବାଇଗଣରେ କାଣ୍ଡ ଏବଂ ଫଳ ବିନ୍ଧା ପୋକ ଲାଗିବାର ସମ୍ଭାବନା ରହିଛି । ଏହି ପୋକର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଡାଳ, ପତ୍ର ଓ ଫଳଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି ପୋକର ପରିଚାଳନା ପାଇନ ଏକର ପ୍ରତି Leucin Lure ଥିବା ସଙ୍ଗ ଆକର୍ଷକ ଯନ୍ତା ରୁ ୮ ଟି ରଖନ୍ତୁ । ବାଇଗଣ ଫସଲରେ ଯଦି ଶତକଡା ୪ ଭାଗ ଅଗ ଝାଉଁଳା ବା ଶତକଡା ୧୪ ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ । ରେହି ପୋକର ରାସାୟନିକ ପରିଚାଳନା ପାଇଁ ଏକର ପ୍ରତି ୮୦ ଗ୍ରାମ Emamectin Benzoate ନାମକ ଔଷଧ କିମ୍ବା ୮୦ ମିଲି Chlorantraniliprole ନାମକ ଔଷଧ କିମ୍ବା ୨୦୦ ମିଲି Spinetoram ନାମକ ଔଷଧ କୁ ୨୦୦ ଲିଟର କିମ୍ବା ୧୩ ଡ୍ରମ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି କୀଟନାଶକ ମଧ୍ୟରୁ ଯେକୌଣସି ଗୋଟିଏ ଔଷଧକୁ ବାରମ୍ବାର ପ୍ରୟୋଗ ନକରି ଅଦଳ ବଦଳ କରି ପ୍ରତି ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |
| ଭେଣ୍ଡୀ | ବର୍ତ୍ତମାନ ସମୟରେ ଭେଣ୍ଡି ଫସଲରେ ଶୋଷକ ଜାତୀୟ କୀଟ ଯଥା ଜଉ ପୋକ, ପତ୍ରଡିଆଁ ପୋକ, ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ରହିଛି । ଏହି ପୋକ ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ ମିଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଉପାୟରେ ଏହି କୀଟ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Tolfenpyrad ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| କାକୁଡି | ବର୍ଷା ଏବଂ ଆର୍ଦ୍ର ପାଗ, ଉଚ୍ଚ ସକାଳ ଆପେକ୍ଷିକ ଆର୍ଦ୍ରତା (୮୫% ରୁ ଅଧିକ) ଏବଂ ଅତ୍ୟଧିକ ଆର୍ଦ୍ର ଥିବା ମାଟି ଯୋଗୁଁ ଲତା ଜାତୀୟ ଫସଲରେ ନିମ୍ନମୁଖୀ ପତ୍ରପୋଡା ରୋଗ ଲାଗିବାର ସମ୍ଭାବନା ରହିଛି । ଫସଲରେ ରୋଗ ଆକ୍ରମଣ ଦେଖିଲା ମାତ୍ରେ ପ୍ରତି ଲିଟର ପାଣିରେ ୨ ଗ୍ରାମ ମେଟାଲାକ୍ସିଲ୍ କିମ୍ବା ୧ ଗ୍ରାମ ଆଜୋକ୍ସିଷ୍ଟ୍ରୋବିନ୍ କିମ୍ବା ୩ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ କୁ ମିଶାଇ ୧୦ ଦିନ ଅନ୍ତରରେ ଦୁଇଥର ସିଞ୍ଚନ କରନ୍ତୁ । |
| ବାଇଗଣ | ଉଚ୍ଚ ମାଟିର ଆର୍ଦ୍ରତା ଓ ମଧ୍ୟମ ଧରଣର ମାଟିର ତାପମାତ୍ରା (୨୮° ସେଲସିୟସ ରୁ କମ ତାପମାତ୍ରା) ବର୍ତ୍ତମାନ ବର୍ଷା ଋତୁରେ ଅତ୍ୟଧିକ ଆପେକ୍ଷିକ ଆର୍ଦ୍ରତା ରହିଛି । ଅତ୍ୟଧିକ ବର୍ଷା ହେତୁ ଆର୍ଦ୍ରତା ଏବଂ ଜଳ ନିଷ୍କାସନ ହୋଇ ନ ପାରିବାର ସମ୍ଭାବନା ଥିବାରୁ ବାଇଗଣରେ ତଳି ଘେରାକଟା ରୋଗ ହେବାର ସମ୍ଭାବନା ରହିଛି । ବାଇଗଣ ତଳି ଘେରାରେ ଘେରାକଟା ରୋଗ ହୋଇ ତଳି ମରିବା ଦେଖାଦେଲେ ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟାଲାକ୍ସିଲ ଓ ମାଙ୍କୋଜେବ ର ମିଳିତ ଫିମ୍ପିନାଶକ ମିଶାଇ ଏହି ଦ୍ରବଣ କୁ ଝରା ଦ୍ୱାରା ମାଟିକୁ ଭିଜାନ୍ତୁ । ବାଇଗଣ ତଳି ୨୫-୩୦ ଦିନର ହୋଇଗଲେ ରୋଇବା ପାଇଁ ଉପଯୁକ୍ତ ହୋଇଥାଏ । ତଳି ଓପାଡିବାର ପୂର୍ବ ଦିନ ସନ୍ଧ୍ୟା ସମୟରେ ୧୦ ଲିଟର ପାଣିରେ ୨୦ ଗ୍ରାମ କପର ଅକ୍ସିକ୍ଲୋରାଇଡ ଓ ୧ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ ମିଶାଇ ଏହି ଦ୍ରବଣକୁ ଝରା ସାହାଯ୍ୟରେ ସିଞ୍ଚନ କରି ମାଟିକୁ ଭଲ ଭାବରେ ଭିଜାନ୍ତୁ । |
| ಪೇರಳೆ | ବର୍ଷା ଦିନେ ପିଜୁଳିର ଫଳ ଶଢା ରୋଗ ଲାଗିବାର ସମ୍ଭାବନା ରହିଛି । ଗଛରେ ଏହି ରୋଗ ଲାଗିଲେ ଆକ୍ରାନ୍ତ ହୋଇଥିବା ଅଂଶ ଗୁଡିକୁ କାଟି ଫୋପାଡି ଦିଅନ୍ତୁ ଏବଂ ଏଥିରେ ବ୍ଲାଇଟକ୍ସ ୩ ଗ୍ରାମ ୧ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଗଛ ତଳେ ପଡିଥିବା ଶୁଖିଲା, ଶଢା ଫଳ ଗୁଡିକୁ ଦୂରକୁ ନେଇ ପୋତି ଦିଅନ୍ତୁ । (ପାଗ ସଫା ଦେଖି କୌଣସି ପ୍ରକାର ସିଂଚନ କରନ୍ତୁ) |
| ଆମ୍ବ | ଜୁଲାଇ ଓ ଅଗଷ୍ଟ ମାସ ହେଉଛି ଆମ୍ବ ଲଗାଇବାର ଉପଯୁକ୍ତ ସମୟ । ବାଇଗଣପଲ୍ଲୀ, ତୋତାପରି, ବମ୍ବେ ଗ୍ରୀନ, ସୁବର୍ଣ୍ଣରେଖା, ନୀଲମ, ହିମସାଗର, ଲାଙ୍ଗ୍ରା, ଦଶେରୀ, ଆମ୍ରପଲ୍ଲୀ, ମଲ୍ଲିକା, ରତ୍ନା, ରୁମାନୀ, ସିନ୍ଧୁ, ଆଲଫାନ୍ସୋ ଓ କେଶର ଇତ୍ୟାଦି କିସମ ଲଗାନ୍ତୁ । ଶାଖା ନ ଥିବା କଲମି ଚାରା କୁ ୧X୧X୧ ମିଟର ଗାତ ରେ ୦୫X୦୫ ମିଟର ବ୍ୟବଧାନରେ ରୋପଣ କରନ୍ତୁ । ଗଛ ଲଗାଇବା ପୂର୍ବରୁ ଯବକ୍ଷାରଜାନ, ଫସଫରସ ଓ ପୋଟାସ ସାର କୁ ୮୦ ଗ୍ରାମ, ୧୦୦ ଗ୍ରାମ ଓ ୬୦ ଗ୍ରାମ ଅନୁପାତରେ ଓ ୨ ଝୁଡି ଶଢା ଗୋବର ଖତ କୁ ପ୍ରତି ଗାତ ରେ ପ୍ରୟୋଗ କରନ୍ତୁ । |
| ଭେଣ୍ଡୀ | ବର୍ତମାନ ସମୟରେ ବିଭିର୍ଣ୍ଣ ପନିପରିବାରେ ସାହେବୀ ରୋଗ ହେବାର ସମ୍ଭାବନା ଅଛି। ଏହା ଏକ ଭୂତାଣୁ ଜନିତ ରୋଗ ଯାହାକି ଧଳାମାଛି ଓ ଅନ୍ୟ ଶୋଷକ କୀଟ ଗୁଡିକ ଦ୍ୱାରା ବ୍ୟାପିଥାଏ। ଏହି ରୋଗର ବାହକ ଗୁଡିକ ପରିଚାଳନା ପାଇଁ ଏକର ପ୍ରତି ୮-୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ। ପୋକ ଆକ୍ରମଣ ଅଧିକ ହେଲେ ଏକର ପ୍ରତି ୪୦ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ଗ୍ରାମ Acetamiprid, ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ବର୍ତମାନ ସମୟରେ ଭେଣ୍ଡି ଫସଲ ରେ ଗଣ୍ଡି ଓ ଫଳ ବିନ୍ଧା ପୋକ ର ଆକ୍ରମଣ ଦେଖାଦେବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥା ରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦-ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । ଜୈବିକ ଉପାୟ ରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ Bacillus thuringiensis ଜୈବ କୀଟନାଶକ, ୨୦୦-ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । ଭେଣ୍ଡି ଫସଲ ରେ ଗଣ୍ଡି ଓ ଫଳ ବିନ୍ଧା ପୋକର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୮୦-ଗ୍ରାମ Emamectin Benzoate |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ନାମକ କୀଟନାଶକ କିମ୍ବା ୮୦-ମି.ଲି. Chlorantraniliprole ନାମକ କୀଟନାଶକ କିମ୍ବା ୩୦୦- ମି.ଲି. Pyridalyl ନାମକ କୀଟନାଶକ, ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ବର୍ତମାନ ସମୟରେ ଭେଣ୍ଡି ଫସଲ ରେ ଶୋଷକ ଜାତୀୟ କୀଟ ଯଥା ଜଉ ପୋକ, ପତ୍ର ଡିଆଁ ପୋକ, ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ରହିଛି । ଭେଣ୍ଡି ଫସଲ ରେ ଶୋଷକ ଜାତୀୟ କୀଟ ଯଥା ଜଉ ପୋକ, ପତ୍ର ଡିଆଁ ପୋକ, ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥା ରେ ଏକର ପ୍ରତି ୬୦୦- ମି.ଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ କୁ ୨୦୦- ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ରାସାୟନକି ଉପାୟରେ ଏହି କୀଟ ଗୁଡିକ ର ପରିଚାଳନା ପାଇଁ ଏକର ପ୍ରତି ୪୦- ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦- ମି.ଲି. Tolfenpyrad ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| କଦଳୀ | ପାନାମା ଝାଉଁଳା ରୋଗର ନିୟନ୍ତ୍ରଣ ନିମନ୍ତେ ରୋଗ ବିହୀନ ପୁଆ ଯଥା ବନ୍ତଳ, କାବୁଲି, ରୋବୁଷ୍ଟା, ଚମ୍ପା ଆଦି କିସମ ବ୍ୟବହାର କରନ୍ତୁ । ପ୍ରତି ୧୦ ଲିଟର ପାଣିରେ ୧୦ ଗ୍ରାମ କାର୍ବେଣ୍ଡାଜିମ ମିଶାଇ ଏହି ଦ୍ରବଣରେ ପୁଆ ଗୁଡିକୁ ବୁଡାଇ ବିଶୋଧନ କରନ୍ତୁ । ପୁଆ ରୋଇବାର ୫ ମାସ ପରେ ପ୍ରତି ୨ ମାସରେ ଥରେ ପ୍ରତି ୧୦ ଲିଟର ପାଣିରେ ୧୦ ଗ୍ରାମ ହିସାବରେ କାର୍ବେଣ୍ଡାଜିମ ମିଶାଇ ଏହି ଦ୍ରବଣକୁ ଗଛ ମୂଳ ମାଟିକୁ ଭଲ ଭାବେ ଭିଜାନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଛେଳି | ଗୁହାଳରେ ବାଲି ବ୍ୟବହାର କରିବା ଦ୍ୱାରା ଗୁହାଳ ଚଟାଣ ଶୁଖିଲା ରୁହେ ଯାହା ଦ୍ୱାରା ପଶୁମାନେ ବିଭିନ୍ନ ରୋଗ ଦାଉରୁ ରକ୍ଷା ପାଇଥାନ୍ତି । ଏହି ପ୍ରକାର ଗୁହାଳ ର ବିଶେଷତ୍ୱ ଯେ ଚଟାଣ ଟି ଇଟା, ସିମେଣ୍ଟ ଦ୍ୱାରା ତିଆରି ହୋଇଥାଏ ଏବଂ ତା'ଉପରେ ନଇବାଲି ୪-୬ ଇଞ୍ଚ ପକାଯାଏ । ଏହା ଦ୍ୱାରା ମୂତ୍ର କୁ ବାଲି ଶୋଷିନେଇଥାଏ ଫଳରେ ପଶୁ ସହଜରେ ତା'ଉପରେ ଶୋଇପାରେ । ଛେଳି ମୁଖ୍ୟତଃ ନେଣ୍ଡିମଳ ପରିତ୍ୟାଗ କରିଥାଏ ତେଣୁ ଉପରେ ଉପରେ କେବଳ ନେଣ୍ଡି କୁ ସଫା କରିବା ସହଜ ହୋଇଥାଏ । ୧୫-୨୦ ଦିନ ବ୍ୟବଧାନରେ ଚଟାଣ ର ବାଲି ଶୁଖିବା ପାଇଁ ବାଲି କୁ ଓଲଟ ପାଲଟ କରିଦେଲେ ବାଲି ଦେହରେ ଜମା ହୋଇଥିବା ମୂତ୍ର ଶୁଖି ଯାଇଥାଏ । ଛେଳି ଛୁଆ ପାଇଁ ୦.୫, ବଡ ଛେଳି ପାଇଁ ୧.୨ ଓ ବୋଦା ଏବଂ ଗର୍ଭବତୀ ଛେଳି ପାଇଁ ୨ ବର୍ଗ ମିଟର ଚଟାଣ ଆବଶ୍ୟକ ଯାହାକି ସବୁ ପ୍ରକାର ଗୁହାଳ ପାଇଁ ପ୍ରଯୁଜ୍ୟ ହୋଇଥାଏ । |
| ଛେଳି | ବର୍ଷା ଋତୁରେ ଉପଯୁକ୍ତ ଟୀକାକରଣ ଅଭାବରୁ ଛେଳି ମାନେ ମଡ଼କ ରୋଗ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ରହିଛି । ଏହି ରୋଗ ରୁ ରକ୍ଷା ପାଇବା ପାଇଁ ତିନି ମାସ ରୁ ଅଧିକ ବୟସ ର ଛେଳି ମାନଙ୍କୁ ପ୍ରତିଶେଧକ ଟୀକା ଦିଅନ୍ତୁ । ଏହା ଏକ ଭୂତାଣୁ ଜନିତ ରୋଗ ହୋଇ ଥିବାରୁ, ଏହି ରୋଗରେ ସକ୍ରମିତ ଛେଳି ମାନଙ୍କୁ ଅଲଗା କୋଠରୀ ରେ ରଖିବା ସହ ସେମାନଙ୍କର ଖାଦ୍ୟ-ପେୟ ତଥା ଆଶ୍ରୟସ୍ଥଳର ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ସଂକ୍ରମିତ ଛେଳି ମାନେ ଆବଶ୍ୟକୀୟ ଚିକିତ୍ସା ଅଭାବରେ ୪-୭ ଦିନ ମଧ୍ୟରେ ମରିଯାନ୍ତି । ଏଥି ପାଇଁ ପ୍ରାଣୀ ବିଶେଷଜ୍ଞ ଙ୍କୁ ଯଥାଶୀଘ୍ର ପରାମର୍ଶ କରନ୍ତୁ । |
| ଗାଈ | ପ୍ରାଣୀଙ୍କ ଗୁହାଳ ପରିଷ୍କାର ଏବଂ ଶୁଖିଲା ରଖନ୍ତୁ । ଗୁହାଳ ଏବଂ ଘର ର ଚାରି ପାଖ ଉଚ୍ଚ ଏବଂ ନିଗିଡ଼ା ରଖନ୍ତୁ । ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁ ଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ । ମଶା, ମାଛିଙ୍କ ଉପଦ୍ରବ ରୁ ରକ୍ଷା କରିବାକୁ ଗୁହାଳ ତଳକୁ ଅନ୍ତତଃ ଥରେ ବା ଦୁଇ ଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥ ରେ ସଫା କରନ୍ତୁ । ଗୁହାଳ ତଳ କୁ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗ ହେବାର ଆଶଙ୍କା ଥାଏ । ଗୁହାଳ ତଳ କୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫ୍ରେଶ ୱାଟର | ଅଙ୍ଗୁଳିଆ ଯାଆଁଳ ଛାଡିବା ପରେ ସେମାନଙ୍କୁ ବାଦାମ ପିଡିଆ ଓ କୁଣ୍ଡା ସମାନ ଅନୁପାତରେ ଛାଡିଥିବା ଯାଆଁଳ ଓଜନର ଶତକଡା ୫ ଭାଗ ଖାଇବାକୁ ଦିଅନ୍ତୁ । ଏହି ଖାଦ୍ୟରେ ମୋଟ ଖାଦ୍ୟର ଶତକଡା ୧ ଭାଗ ଭିଟାମିନ୍ ଓ ଖଣିଜ ମିଶ୍ରଣ କୁ ମିଶାଇ ଦିନରେ ଦୁଇଥର ଖାଇବାକୁ ଦିଅନ୍ତୁ । ଯାଆଁଳ ଛାଡିବା ପରେ ନିୟମିତ ଭାବେ ପାଣିର ପିଏଚ୍ ଏବଂ ତାପମାତ୍ରା ଯାଞ୍ଚ କରନ୍ତୁ । ପୋଖରୀ ପାଣିକୁ ବିଶୋଧନ କରିବା ପାଇଁ ଏକର ପିଛା ୪୦ କେଜି ଚୂନ ପକାନ୍ତୁ । ପୋଖରୀରେ ପ୍ଲାଙ୍କଟନ୍ ର ପରିମାଣ ବଢେଇବା ପାଇଁ ମାସରେ ଦୁଇ ଥର ଏକର ପିଛା ୨୦୦ କେଜି ଗୋବର ଓ ୪ କେଜି ସୁପର ଫସଫେଟ୍ ପ୍ରୟୋଗ କରନ୍ତୁ । |

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫ୍ରେଶ ୱାଟର | ପୋଖରୀରେ ଦଳ କୁ ନିୟନ୍ତ୍ରଣ କରିବା ପାଇଁ ରାସାୟନିକ ପ୍ରଣାଳୀରେ ଗ୍ଲାଇଫୋସେଟ୍ ଏକର ପିଛା ୧.୨ କେଜି, ୨,୪-ଡି ଏକର ପିଛା ୨.୮-୪ କେଜି, ସୀମାଜିନ୍ ୦.୩-୦.୫ ପିପିଏମ କିମ୍ବା ୧୦ ଲିଟର ରେ ୦.୦୦୩ ମିଲି ଇତ୍ୟାଦି । ଜୈବିକ ପ୍ରଣାଳୀରେ ଦଳ ନିୟନ୍ତ୍ରଣ ପାଇଁ ଦଳଖିଆ ମାଛ ବା ଗ୍ରାସ କାର୍ପ ୫୦ ରୁ ୧୦୦ ଗ୍ରାମ ଓଜନର ୧୦୦ ରୁ ୨୦୦ ସଂଖ୍ୟାରେ ଛଡ଼ାଯାଇ ପାରିବ। |

## ଆବହାୱିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| • ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା • ପନିପରିବା ତଳି ଘେରା ନଷ୍ଟ ହେବା • ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା • ବିଲ ଓ ଫସଲରେ ପାଣି ଜମିବା |

## ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| o ପନିପରିବା ଓ ଫୁଲ ଗୁଡିକୁ ମାନ କମ ହେବା ପୂର୍ବରୁ ତୋଳି ନିଅନ୍ତୁ । o ବର୍ଷା ଦ୍ୱାରା ପନିପରିବା ଫସଲ ନଷ୍ଟ ହେବାର ସମ୍ଭାବନା ରହିଛି, ତେଣୁ ଅମଳ ଉପଯୋଗୀ ପନିପରିବା କୁ ତୋଳି ଦିଅନ୍ତୁ । ଲତା ଜାତୀୟ ପନିପରିବା ଫସଲ ର ରଞ୍ଜା କୁ ମଜବୁତ କରି ଦିଅନ୍ତୁ । o ସାମୟିକ ଭାବରେ କୀଟନାଶକ ସିଂଚନ ଓ ଜଳସେଚନ ବନ୍ଦ ରଖନ୍ତୁ । o କଦଳୀ ଓ ଅମୃତଭଣ୍ଡା ପାକଳ ଅବସ୍ଥାରେ ଥିଲେ ପବନ ହେବା ଆଗରୁ ତୋଳି ଦିଅନ୍ତୁ ଏବଂ ଅମୃତଭଣ୍ଡା ଓ କଦଳୀରେ ଢେରା ଦିଅନ୍ତୁ । o ଗୃହପାଳିତ ପଶୁ ମାନଙ୍କୁ ଗୁହାଳରେ ଆବଦ୍ଧ ରଖନ୍ତୁ ଏବଂ ଚାରି ରୁ ପାଞ୍ଚ ଦିନ ପର୍ଯ୍ୟନ୍ତ ଖାଦ୍ୟ ଓ ଉତ୍ତମ ପାନୀୟ ଜଳ ଯୋଗାନ୍ତୁ । o ପଶୁ ମାନଙ୍କୁ ଗଛ ତଳେ ବାନ୍ଧନ୍ତୁ ନାହିଁ । |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**